ଶନିବାର, ୨୪ ଜାନୁଆରୀ, ୨୦୨୬

# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 52 Years



୭ ଜଣା ଅଜଣା



୨ ଶିଶୁ ପ୍ରତିଭା



୩ ପ୍ରଚ୍ଛଦ



# ତ୍ରିରଙ୍ଗା ପତାକା

ଗପ



ଘରର ସବୁଠୁ ସାନ ଚିକୁ। ସେଥିପାଇଁ ଗେହ୍ଲାରେ ଭାରି ଦୁଷ୍ଟ ହୋଇ ଯାଇଥିଲା। ସବୁଦିନ ତା' ନାଁରେ ବିଭିନ୍ନ ଅଭିଯୋଗ। ଚିକୁର ମାଆ ତାକୁ ବୁଝାଇବାକୁ ସମସ୍ତ ପ୍ରକାର ଚେଷ୍ଟା କରନ୍ତି। କିନ୍ତୁ ଚିକୁ ସବୁବେଳେ ପ୍ରତିଶ୍ରୁତି ଦେଉଥାଏ ଆଉ ସେପରି ଦୁଷ୍ଟ ହେବ ନାହିଁ। ମାଆ ସକାଳୁ ରୋଷେଇରେ ବ୍ୟସ୍ତ। ଚିକୁ କହିଲା, ତୁମେ କେକ୍ ତିଆରି କରୁଛ! କି ସୁନ୍ଦର ରଙ୍ଗ! ଆଜି କିଛି ବିଶେଷ ଦିନ କି? ଏକ ପ୍ଲେଟ୍‌ରେ ତିନୋଟି ରଙ୍ଗର କେକ୍ ଥିଲା: ନାରଙ୍ଗୀ, ଧଳା ଏବଂ ସବୁଜ ରଙ୍ଗର। ମାଆ ଚିକୁକୁ ଅତି ସ୍ନେହରେ କହିଲେ, ଏହି କେକ୍ ଦେଖି କହିଲୁ... ମୁଁ କାହା ବିଷୟରେ କହୁଛି। ଚିକୁ ଭାବିଲା ଏହି ରଙ୍ଗକୁ ମୁଁ କେଉଁଠି ଦେଖିଛି? କିଛି ସମୟ ଭାବି କହିଲା ଏହା ଆମ ଜାତୀୟ ପତାକାର ରଙ୍ଗ। ସ୍କୁଲର ଛାତ ଉପରେ ଉଡୁଛି। ଏହା ବହୁତ ସୁନ୍ଦର।

ମାଆ ଚିକୁର ଗାଲକୁ ସ୍ନେହରେ ଥାପୁଡ଼େଇ ତା' ମୁହଁରେ କେକ୍ ଖଣ୍ଡେ ଦେଲେ। କହିଲେ, ଆଜି ଜାନୁଆରୀ ଛବିଶ ଗଣତନ୍ତ୍ର ଦିବସ। ଏହି ଦିନ ଆମ ଦେଶର ସମ୍ବିଧାନ ତିଆରି ହୋଇଥିଲା। ଏହାକୁ ପାଳନ କରିବା ପାଇଁ କେକ୍ ତିଆରି କରିଛି। ଏହା ମଧ୍ୟ ଆମର ଜାତୀୟ ପର୍ବ। ଏତିକିବେଳେ ଚିକୁ ଟିଭି ପାଖରେ ପହଞ୍ଚିଗଲା। ସମାନ ପୋଷାକ ପିନ୍ଧି ଥିବା ସୈନିକମାନେ ରାଷ୍ଟ୍ରପତିଙ୍କୁ ଅଭିବାଦନ ଜଣାଇ ପରେଡ୍ କରୁଥିଲେ। ତା'ପରେ ହେଲିକପ୍ଟରରୁ ଜନସାଧାରଣଙ୍କ ଉପରେ ଫୁଲ ବର୍ଷା ହେଲା। ତ୍ରିରଙ୍ଗାର ଧୂଆଁ (କମଳା, ଧଳା ଏବଂ ସବୁଜ) ନିର୍ଗତ କରୁଥିବା ବିମାନଗୁଡ଼ିକ ଆକାଶରେ ଚାଲିଲେ। ସବୁକିଛି କେତେ ରୋମାଞ୍ଚକର।

ମାଆ କହିଲେ, ତ୍ରିରଙ୍ଗା ପତାକା ବିଷୟରେ ତୁମେ କ'ଣ ଜାଣ? ଏହା ଏକ ସାଧାରଣ ପତାକା ନୁହେଁ। ଏହା ଆମ ଜାତିର ସମ୍ମାନ ଓ ଗୌରବର ପ୍ରତୀକ। ଆମର ଜାତୀୟ ପତାକାକୁ ତ୍ରିରଙ୍ଗା କୁହାଯାଏ, ଏହା କେବଳ ସୂର୍ଯ୍ୟୋଦୟ ଏବଂ ସୂର୍ଯ୍ୟାସ୍ତ ମଧ୍ୟରେ ଉତ୍ତୋଳନ କରାଯାଇପାରିବ। ଏହାକୁ କେବେବି ଭୂମିରେ ରଖାଯାଇପାରିବ ନାହିଁ। ଯେତେବେଳେ ଦେଶରେ କୌଣସି ମହାନ୍ ବ୍ୟକ୍ତିଙ୍କ ମୃତ୍ୟୁ ହୁଏ, ତାଙ୍କର ସମ୍ମାନାର୍ଥେ ଜାତୀୟ ପତାକାକୁ ଅର୍ଦ୍ଧ-ମସ୍ତକ କରାଯାଏ। ଭାରତୀୟ ଜାତୀୟ ପତାକାରେ ତିନୋଟି ରଙ୍ଗ ଅଛି: ନାରଙ୍ଗୀ, ଧଳା ଏବଂ ସବୁଜ। ମଝିରେ ଅଶୋକ ଚକ୍ର ଅଛି, ଯାହାର ୨୪ଟି ଅର ଅଛି। ଏହା ଆମ ଦେଶର ଏକତା, ଅଖଣ୍ଡତା, ସଦ୍ଭାବ ଏବଂ ସମ୍ମାନର ପ୍ରତୀକ। ଆମେ ଏହାକୁ ସଦା ସମ୍ମାନ କରିବା ଉଚିତ୍। ଚିକୁ କହିଲା- ମାଆ! ତୁମେ ଆଜି ତ୍ରିରଙ୍ଗା ବିଷୟରେ ମୋତେ ଅନେକ ସୂଚନା ଦେଇଛ। ମୋ ସାଙ୍ଗମାନଙ୍କୁ ଏସବୁ କହିବି।

**– ଲଳିତ ମୋହନ ମିଶ୍ର**
ଅରବିନ୍ଦ ନଗର, ନୟାଗଡ଼
ମୋ: ୯୪୩୭୯୮୫୮୬୬

## ଖିଲି ଖିଲି ହସ

ଟିଣ୍ଟୁ କହିଲା ଟିଙ୍କୁକୁ- ଆରେ ସାଙ୍ଗ କହିଲୁ ଚାଉଳରୁ କେମିତି ବରଫ ପ୍ରସ୍ତୁତ କରିବା।
ଟିଙ୍କୁ-ଜଣା ନାହିଁ ମୋତେ
ଟିଣ୍ଟୁ- ଆରେ ରାଇସ୍‌ରୁ(Rice)ଆର୍ କାଢ଼ିଦେଲେ ହୋଇଗଲା ନା ଆଇସ୍ (Ice)।

ଶିକ୍ଷକ କ୍ଲାସ୍‌ରେ ପିଲାଙ୍କୁ ପଢ଼ାଉଥିବା ସମୟରେ କହିଲେ, ପିଲାମାନେ! ମାଟି ତଳେ ଯଦି ଲାଭା ରହିଛି, ତେବେ ବାହାରେ କ'ଣ ଅଛି କହିଲ ?
ରିଙ୍କୁ -ସାର୍ ବାହାରେ ଓପୋ, ଭିଭୋ ରହିଛି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ଅଲ୍‌ରାଉଣ୍ଡର ପ୍ରତୀକ୍ଷା

ଶିଶୁ ପ୍ରତିଭା/ଶ୍ରେୟାଂଶୀ

ପ୍ରତୀକ୍ଷା ରଥ ବିଭିନ୍ନ କ୍ଷେତ୍ରରେ ନିଜ ପ୍ରତିଭାକୁ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛନ୍ତି। ତା'ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହେବା ପରେ ନିଜ ଲକ୍ଷ୍ୟପଥରେ ଆଗେଇ ଚାଲିଛନ୍ତି ସେ। ପ୍ରବନ୍ଧ, କବିତା ରଚନା, ଡିବେଟ୍ ପ୍ରତିଯୋଗିତାରେ ଭାଗ ନେବା, ବିଜ୍ଞାନ ପ୍ରକଳ୍ପ ତିଆରି କରିବା ବ୍ୟତୀତ ସେ ମଧ୍ୟ ଭଲ ଗୀତ ଗାଇପାରନ୍ତି। ନିଜକୁ ପ୍ରତିଭା ତାଲିକାରେ ସେ ଆଉ ଏକ କଥା ମଧ୍ୟ ଯୋଗ କରିଛନ୍ତି। ଅବସର ମିଳିଲେ ଚିତ୍ର ଆଙ୍କିବାକୁ ପସନ୍ଦ କରନ୍ତି ଏହି ପ୍ରତିଭା। ବର୍ତ୍ତମାନ ପ୍ରତୀକ୍ଷା ପୁରୀସ୍ଥିତ ବିଶ୍ୱମ୍ଭର ବିଦ୍ୟାପୀଠରେ ନବମ ଶ୍ରେଣୀ ଛାତ୍ରୀ। ମା' ଶକୁନ୍ତଳା ଏବଂ ବାପା କୈଳାସ ଚନ୍ଦ୍ର ରଥଙ୍କର ଏହି କନ୍ୟା ନିଜ ବିଷୟରେ କହନ୍ତି, ''ଯେତେବେଳେ ମୁଁ ସପ୍ତମ ଶ୍ରେଣୀରେ ପଢୁଥିଲି, ସେତେବେଳେ ପ୍ରବନ୍ଧ, ଡିବେଟ୍, ଚିତ୍ରାଙ୍କନ ଏବଂ ସଙ୍ଗୀତ ପ୍ରତିଯୋଗିତାରେ ଭାଗନେବାକୁ ଇଚ୍ଛା ହେଲା। ଧୀରେ ଧୀରେ ଏସବୁରେ ନିଜ ପ୍ରତିଭାର ପ୍ରଦର୍ଶନ ଦେଇ ଅନେକ ସ୍ଥାନରେ ପୁରସ୍କୃତ ହୋଇଛି। ଆଉ ଏହି ପୁରସ୍କାର ମୋତେ ଆଗକୁ ଆଗେଇବା ଲାଗି ଯଥେଷ୍ଟ ପ୍ରେରଣା ଦେଇଛି।



ଏକ୍ଷେତ୍ରରେ ମୋ ମାମା-ବାପା ଏବଂ ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପ୍ରେରଣାକୁ କଦାପି ଭୁଲି ପାରିବି ନାହିଁ।'' ସଂସ୍କୃତସ୍ୟ ମହତ୍ତ୍ୱ' ଉପରେ ଏକ ଡିବେଟ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜଗନ୍ନାଥ ସଂସ୍କୃତି ଉପରେ ବକ୍ତୃତା ଦେଇ ସେ ମଧ୍ୟ ପ୍ରଥମ ହୋଇଥିଲେ। ଏହାବ୍ୟତୀତ ପ୍ରତୀକ୍ଷାଙ୍କୁ 'ବିଶ୍ୱମ୍ଭର ଶ୍ରୀ ପୁରସ୍କାର'ରେ ମଧ୍ୟ ସମ୍ମାନିତ କରାଯାଇଛି । ଏହାବ୍ୟତୀତ ଆହୁରି ଅନେକ ସମ୍ମାନ ଓ ପୁରସ୍କାର ହାସଲ କରି ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଛନ୍ତି ଏହି ପ୍ରତିଭା।

**-ମହାଶ୍ୱେତା ନାୟକ**

## ମତାମତ

❖ ଜଣା ଅଜଣାରେ ପ୍ରକାଶିତ ହେଉଥିବା ଜୀବଜନ୍ତୁ ଓ ଦେଶ ବିଦେଶ ସମ୍ପର୍କରେ ଅନେକ ତଥ୍ୟ ଜାଣିହେଉଛି। ଏଥର ଜଣା ଅଜଣାରେ ପ୍ରକାଶିତ ହୋଇଥିବା କେତୋଟି ପକ୍ଷୀଙ୍କ ବିଷୟରେ କିଛି ତଥ୍ୟ ଜାଣିହେଲା।

**– ମୋନାଲି ସାହୁ, ଭୁବନେଶ୍ୱର**

❖ ଖିଲିଖିଲି ହସରେ ପ୍ରକାଶିତ ହସକଥାଗୁଡ଼ିକ ପଢ଼ିବାକୁ ବେଶ୍ ମଜା ଲାଗୁଛି।

**–ରୂପେଶ ରାୟ, ମୟୂରଭଞ୍ଜ**

❖ ଏଥର ପୃଷ୍ଠା-୩ରେ ପ୍ରକାଶ ପାଇଥିବା 'ନୂଆ ଯୋଜନା'ବିଷୟଟି ବେଶ୍ ଶିକ୍ଷଣୀୟ ହୋଇଛି।

**–ଅନିଶା ପ୍ରିୟଦର୍ଶିନୀ, ଖୋର୍ଦ୍ଧା**

❖ ଏଥର ପ୍ରକାଶିତ କବିତାଗୁଡ଼ିକ ପଢ଼ି ଭଲ ଲାଗିଲା।

**–ସୁମିତ କୁମାର ଦାସ, ଅନୁଗୋଳ**

## ରଙ୍ଗ ଦିଅ



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

**କଳ୍ପନାରେ ଲଙ୍ଘିହୁଏ ସାତ ସମୁଦ୍ର ଆଉ ମନ ପାଲଟିଯାଏ ନୀଳ ଆକାଶର ମୁକ୍ତ ବିହଙ୍ଗ। ଅସମ୍ଭବ, ଅଦ୍ଭୁଦ, ଅବାନ୍ତର ଆଉ ଅଜବ ମନେ ହେଉଥିଲେ ବି ଏଥିରେ ଲୁଚିଥାଏ ଅନେକ ସମ୍ଭାବନା। ଆବିଷ୍କାର ଓ ଉଦ୍ଭାବନର ସମ୍ଭାର ନେଇଆସେ ଏଇ କଳ୍ପନା ଶକ୍ତି। ପିଲାଙ୍କ କ୍ଷେତ୍ରରେ ଏହି ଭାବନା ସେମାନଙ୍କ ପାଇଁ ସୁପର ସିକ୍ରେଟ ପାୱାର...**



# ସିକ୍ରେଟ୍ ସୁପର ପାୱାର

ଦିନେ କଳ୍ପନାରେ ମଣିଷ ଜହ୍ନରେ ପାଦ ରଖିବ ବୋଲି କାହାଣୀ ଗଢ଼ିଥିଲା। ସେତେବେଳେ ଅସମ୍ଭବ ମନେ ହେଉଥିବା ଏହି କାହାଣୀ ଏବେ ସତ ପାଲଟି ଯାଇଛି। ତେଣୁ କଳ୍ପନା ବି ଦିନେ ସତ ହୋଇପାରେ, ଏହା ଅସମ୍ଭବ ନୁହେଁ। ଏହା ଏଭଳି ଏକ ଅସାଧାରଣ ଶକ୍ତି, ଯାହା ସମସ୍ତଙ୍କ ମଧ୍ୟରେ ରହିଥାଏ। ଯେଉଁମାନେ ଏହି କ୍ଷମତାକୁ ଚିହ୍ନି ଉପଯୋଗ କରନ୍ତି, ସେମାନେ ହିଁ ହୋଇପାରନ୍ତି ଜିନିଅସ୍।

ସବୁ ପିଲାଙ୍କ ଭିତରେ ଭିନ୍ନ ଭିନ୍ନ ଶକ୍ତି ଲୁଚି ରହିଥାଏ। ତେବେ ପିଲାଙ୍କର ଏହି ସିକ୍ରେଟ ପାୱାର ହେଉଛି ସେମାନଙ୍କ କଳ୍ପନା ଶକ୍ତି। ଏହି କ୍ଷମତା ବଳରେ ସେମାନେ ଚାହିଁଲେ ପ୍ରତ୍ୟେକ ବସ୍ତୁରେ ଭିନ୍ନତାକୁ ଦେଖିପାରନ୍ତି। ପୃଥିବୀକୁ ଏକ ଭିନ୍ନ ଦୃଷ୍ଟିରେ ଦେଖିପାରିବାର ଦୃଷ୍ଟିଭଙ୍ଗୀ ରଖିଥା'ନ୍ତି ଏମାନେ। ସବୁ ସମସ୍ୟାର ଏକ ନୂଆ ରାସ୍ତା ଖୋଜି ବାହାର କରିପାରନ୍ତି। ସାଧାରଣ ଜିନିଷ ସେମାନଙ୍କ ପାଖରେ ପାଲଟିଯାଏ ଅସାଧାରଣ। ପିଲାମାନେ ଏହି କ୍ଷମତାକୁ ଅନୁଭବ କରିପାରିଲେ ହିଁ ସେମାନେ ସବୁ ସଫଳତାର ଶୀର୍ଷରେ ପହଞ୍ଚିପାରିବେ। ସେମାନଙ୍କ ରଚନାତ୍ମକ ଭାବନାତ୍ମକ ଶକ୍ତି ବୃଦ୍ଧି କିରବା ସହିତ ଆତ୍ମବିଶ୍ୱାସକୁ ବଢ଼ାଇଥାଏ।

## ଗୁପ୍ତଧନ

କଳ୍ପନା ଶକ୍ତି ପିଲାଙ୍କ କ୍ଷେତ୍ରରେ ଅସଲି ଗୁପ୍ତଧନ କହିଲେ ଭୁଲ୍ ହେବ ନାହିଁ। ଏହି ଲୁକ୍କାୟିତ ଧନ ବଳରେ ସେମାନେ ନିର୍ଜୀବ ବସ୍ତୁରେ ମଧ୍ୟ ପ୍ରାଣର ସଞ୍ଚାର କରାଇପାରିବେ। ଏମିତିକି ସେମାନେ ଚାହିଁଲେ ଆକାଶରେ ବି ଗଢ଼ିପାରିବେ ବିଭିନ୍ନ କଳାକୃତି। ଏପରି କହିବାର ଅର୍ଥ ହେଉଛି ଏହି ସୁପର ପାୱାର ବଦଳରେ ପିଲାମାନେ ଅସମ୍ଭବ କାମକୁ ବି ସମ୍ଭବ କରିପାରିବେ ଓ ପ୍ରତି କ୍ଷେତ୍ରରେ ସମାଧାନର ନୂଆ ରାସ୍ତା ଖୋଜି ବାହାର କରିପାରିବେ। ତେଣୁ ନିଜ ଭିତରେ ଥିବା ଏହି ସୁପର ପାୱାରକୁ ପିଲାମାନେ ଜାଗ୍ରତ କରିବା ପାଇଁ ଚେଷ୍ଟା କରିବା ଜରୁରୀ।

## ଶିଖିବାର ମାଧ୍ୟମ

ପିଲାଙ୍କ ପାଇଁ ଶିଖିବାର ମାଧ୍ୟମ ହୋଇଥାଏ ଏହି କଳ୍ପନା ଶକ୍ତି। ପ୍ରତ୍ୟେକ ନୂତନତାକୁ ଏକ ଖେଳର ମାଧ୍ୟମ ଦେଇଥାଏ ଏହି କ୍ଷମତା। ତେଣୁ କଳ୍ପନାରେ ହିଁ ଗଢ଼ିବା ଭାଙ୍ଗିବା ସବୁକିଛି ସମ୍ଭବ ହୋଇପାରେ। ପିଲାଙ୍କ ପାଇଁ ନୂଆ ଶବ୍ଦଟିଏ ହେଉ ଅବା ନୂଆ ରଙ୍ଗ, ଏସବୁକୁ ସେମାନେ କଥା କାହାଣୀ ଓ ଡ୍ରଇଂ ମାଧ୍ୟମରେ ଶିଖିପାରନ୍ତି। ଅତି ଜଟିଳ କଥା ଏହିସବୁ ଗପ ମାଧ୍ୟମରେ ଅତି ସହଜ ମନେହୋଇଥାଏ। ପାଠ ପଢ଼ିବା କ୍ଷେତ୍ରରେ ବି ଏହି ମାଧ୍ୟମକୁ ଆପଣାଇ ପିଲାମାନେ ଢେର୍ ଆଗକୁ ଯାଇପାରିବେ।

## ମୂଳଦୁଆ

ବିଶ୍ୱରେ ପ୍ରତ୍ୟେକ ଆବିଷ୍କାରର ପ୍ରଥମ ଆରମ୍ଭ ହୋଇଛି କଳ୍ପନା ଶକ୍ତିରୁ। ଏହି କ୍ଷମତା ହିଁ ସବୁ ସର୍ଜନାର ମୂଳ ଉତ୍ସ ହୋଇଥାଏ। ବିଶେଷକରି କଳାତ୍ମକ ଓ ରଚନାତ୍ମକ କାମ କରିବା ପାଇଁ ଏକ ମାର୍ଗ ମିଳିଥାଏ। ପିଲାମାନେ ଖୋଲାମନରେ ସବୁ ଦିଗରୁ ଚିନ୍ତା କଲେ ନୂଆ ନୂଆ ବିଚାର ଓ ସମାଧାନ ଭାବନାକୁ ଆସିଥାଏ। ଏହି କଳ୍ପନା ଶକ୍ତି ଆଗକୁ ସେମାନଙ୍କୁ କଳା, ବିଜ୍ଞାନ, ସାହିତ୍ୟ ତଥା ଟେକ୍ନୋଲୋଜି ଆଦି ବିଭିନ୍ନ କ୍ଷେତ୍ରରେ ସଫଳତାର ମନ୍ତ୍ର ହୋଇଥାଏ।

## ଭାବନାତ୍ମକ ବିକାଶ

ପିଲାଙ୍କର ଏହି ସୁପର ପାୱାର ସେମାନଙ୍କ ଭାବନାତ୍ମକ ବିକାଶ ତ କରାଇଥାଏ, ଏହା ସହିତ ଆତ୍ମବିଶ୍ୱାସ ବି ବଢ଼ାଇଥାଏ। ବିଭିନ୍ନ କାହାଣୀ କିମ୍ବା ନାଟକ ଆଦି ମାଧ୍ୟମରେ ସେମାନେ ବିଭିନ୍ନ ପ୍ରକାରର ଭାବନାକୁ ବୁଝିପାରନ୍ତି। ବିଭିନ୍ନ ଭାବକୁ ପ୍ରକାଶ କରିବାର ସୁଯୋଗ ପାଇଥାନ୍ତି। ତେଣୁ ମାନସିକଭାବେ ସେମାନେ ଅଧିକ ସୁରକ୍ଷିତ ମନେକରନ୍ତି ଓ ଭାବନା ପ୍ରକାଶ କରି ଅଧିକ ଖୁସି ରହନ୍ତି। ଫଳରେ ମନ ଓ ହୃଦୟ ଉପରେ ମଧ୍ୟ ପ୍ରଭାବ ପଡ଼ିଥାଏ। ତେଣୁ ପିଲାଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଏକ ସନ୍ତୁଳନ ରକ୍ଷା କରିହୁଏ।

## ସୁଯୋଗ ସୃଷ୍ଟି କରନ୍ତୁ

ନିଜର ସୁପର ପାୱାର ବଢ଼ାଇବାକୁ ପିଲାମାନେ ନିଜେ ଚାହିଁଲେ ସୁଯୋଗ ସୃଷ୍ଟି କରିପାରିବେ। ମାତାପିତା ତଥା ଅନ୍ୟ ଗୁରୁଜନମାନଙ୍କୁ ମନରେ ଆସୁଥିବା ଯେକୌଣସି ପ୍ରଶ୍ନ ପଚାରନ୍ତୁ। କୌଣସି ପ୍ରଶ୍ନ ଠିକ୍ ଅବା ଭୁଲ୍ ଚିନ୍ତା କରନ୍ତୁ ନାହିଁ। ବରଂ ମନର ଦ୍ୱନ୍ଦ୍ୱ ଦୂର ପାଇଁ ପ୍ରୟାସ ସଙ୍ଗେ ସଙ୍ଗେ କରନ୍ତୁ। ଖେଳିବା ହେଉ କି ଲେଖିବା ପଢ଼ିବା ଅବା ଡ୍ରଇଂ କରିବା ପାଇଁ ଯଦି ଇଚ୍ଛା ହେଉଥାଏ, ତେବେ ସଙ୍ଗେ ସଙ୍ଗେ କରନ୍ତୁ। ନିଜର ଛୋଟ ସଫଳତାରେ ବି ଖୁସି ହୁଅନ୍ତୁ। କାରଣ କଳ୍ପନା ଶକ୍ତି ପ୍ରକୃତରେ ଏକ ଅତି ଦୁର୍ଲଭ କ୍ଷମତା। ଆଉ ପିଲାମାନଙ୍କ କ୍ଷେତ୍ରରେ ଏହି ଶକ୍ତିର ଉପଯୁକ୍ତ ବିନିଯୋଗ ହୋଇପାରିଲେ ଅନେକ ସମସ୍ୟାର ସମାଧାନ ତଥା ସମ୍ଭାବନା ଉଦ୍ଭାବନର ରୂପ ନେଇପାରିବ। ଭାବିବା, ବୁଝିବା, ଶିଖିବା ଓ ଆଗକୁ ବଢ଼ିବା ପାଇଁ ରାସ୍ତା ଦେଖାଏ ଏହି ଶକ୍ତି। ଏଥିପାଇଁ ଆତ୍ମବିଶ୍ୱାସ ସୃଷ୍ଟି କରି ସଫଳତାର ଶୀର୍ଷରେ ପହଞ୍ଚିବା ନିମନ୍ତେ ପିଲାମାନେ ନିଜର ଏହି କ୍ଷମତାକୁ ଚିହ୍ନି ଉପଯୋଗ କରିବା ଦରକାର।







୧





୨



୩


୪


୧୦



୫



୬


୭


୮


୯



୧୧


ଆଶୁତୋଷ କର
କ୍ଲାସ- ୨, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
୧

ଅର୍ଚ୍ଚିଶା ପତି
କ୍ଲାସ- ୩, ଡାଫୋଡିଲ୍ସ ଇଂଲିଶ ମିଡିୟମ୍ ସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା

୨


ଓଣ୍ଡ୍ରିଲା ସ୍ୱାଇଁ
କ୍ଲାସ- ୪, ସେଣ୍ଟ ଯୋଶେଫ ସ୍କୁଲ, ତିନିମୁହାଣୀ, କେନ୍ଦ୍ରାପଡା
୩

ବାନ୍‌ଭି ଶତପଥୀ
କ୍ଲାସ- ୟୁକେଜି, ଲାଫ ଆଣ୍ଡ ଲର୍ନ ପ୍ରି ସ୍କୁଲ, ବେଙ୍ଗାଲୁରୁ

୪


ଅଶ୍ମିଜିତ୍ ରାଉତ
କ୍ଲାସ-୮, ସେଣ୍ଟ ଜାଭିଅର୍ସ ହାଇସ୍କୁଲ, ଗୋପ, କେନ୍ଦ୍ରାପଡା
୫

ସାଇଶୁଭଙ୍କର ପ୍ରଧାନ
କ୍ଲାସ-୫, ଅମ୍ରିତା ବିଦ୍ୟାଳୟମ୍ ଯାଆଁଳା, ଖୋର୍ଦ୍ଧା

୬


ପ୍ରତ୍ୟୁଷ ତ୍ରିପାଠୀ
କ୍ଲାସ- ୨, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ରହଣିଆ, ଯାଜପୁର
୭

ରୋନୋଭ ଅଗ୍ରୱାଲ
କ୍ଲାସ- ୫, ଡିଏଭି ପବ୍ଲିକ ସ୍କୁଲ, ସେକ୍ଟର-୬, ସିଡିଏ, କଟକ

୮


ଶ୍ରୀୟାଂଶୀ ବେହେରା
କ୍ଲାସ-୬, ଜ୍ଞାନଦେବୀ ସିନିୟର ସେକେଣ୍ଡାରୀ ସ୍କୁଲ, ଗୁରଗାଓଁ, ନ୍ୟୁଦିଲ୍ଲୀ
୯

ଦେବରଞ୍ଜନ ସାହୁ
କ୍ଲାସ-୫, ମଦର୍ସ ପବ୍ଲିକ ସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

୧୦


ଆଦ୍ୟାଶା ସ୍ୱାଇଁ
କ୍ଲାସ- ୩, ଡାଫୋଡିଲ୍ସ ଇଂଲିଶ ମିଡିୟମ୍ ସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା
୧୧



# କବିତା

## ପତାକା ଆମ ଗରବ

ଆମ ପତାକା ଆମ ଗରବ
ରଖିବା ତା'ର ମାନ,
ତା' ପାଇଁ ଦେଲେ ଲହୁଲୁହରେ
କେତେ ଯେ ବଳିଦାନ।
ପତାକା ହସେ ଉଡ଼ିଉଡ଼ିକା
କହେ ମୁକତି କଥା,
ସିଏ ଆମର ଶ୍ରଦ୍ଧାର ରଙ୍ଗ
ଇତିହାସର ଗାଥା।
ପଲ୍ଲୀରୁ ଦିଲ୍ଲୀ ସବୁଠି ସିଏ
ଅତି ଆଦରେ ଉଡ଼େ,
କୋଟି ମନକୁ ଯୋଡ଼ି ଯୋଡ଼ିକା
ଭାବ ସଉଧ ଗଢ଼େ।
ତିନି ରଙ୍ଗରେ ତା'ର ଶରୀର
ଶୋଭଇ ପ୍ରତିକ୍ଷଣ,
ମଝିରେ ଅଛି ଅଶୋକ ଚକ୍ର
ଦେଶ ପ୍ରଗତି ଚିହ୍ନ।
ପତାକା ପାଇଁ ସଇନ ଆମ
ଦେଖାନ୍ତି ଟାଣପଣ,
ଜଗି ଥାଆନ୍ତି ଦେଶକୁ ସିଏ
ଖେଳାଇ ଜାଗରଣ।
ପତାକା ତଳେ ଆମେ ସଭିଏଁ
ଅଟୁ ଭଉଣୀ ଭାଇ,
ମାନକୁ ତାର ରଖିବା ବିଶ୍ୱେ
ସୁନାପିଲାଟେ ହୋଇ।

**– ସୁଜିତ କୁମାର ମିଶ୍ର**
ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ: ୭୬୮୩୮୬୭୭୪୨

## ଭାରତ ଭୂଇଁ

ଦୂର ରାଇଜରୁ ଚିଠି ମୁଁ ଲେଖୁଛି
ବୋଉ ମୋ କୁହାର ନେବୁ,
ବଡ଼ଙ୍କୁ ପ୍ରଣାମ ଛୋଟଙ୍କୁ ଆଶିଷ
ସମସ୍ତଙ୍କୁ ଜଣାଇବୁ।
ସେଦିନ ବୁଝାଇ ମତେ ତୁ କହିଲୁ
ଆଉ ଜଣେ ମାଆ ଅଛି,
ତା'ର ସେବା ଲାଗି ପଠାଇ ତୁ ଦେଲୁ
ଆଜିବି ମନେ ମୋ ଅଛି।
ଯେତେ ଦୁଃଖକଷ୍ଟ ହେଲେ
ମୋତେ ସୀମାନ୍ତରେ ଜଗିଥିବି,
ଶପଥ କରିଛି ଶତ୍ରୁର ସଇନ
କଦାପି ଛାଡ଼ି ନ ଦେବି।
ତା' ପାଇଁ ଦେବାକୁ ପଡ଼ିଲେ ପରାଣ
ହସି ହସି ଯିବି ଶୋଇ,
ତୋ' କୋଳେ ଜନ୍ମି ମୁଁ ଯା' କୋଳେ ବଢ଼ିଛି
ସେହି ମା' ଭାରତ ଭୂଇଁ।

**– ମଳୟ କୁମାର ମଲ୍ଲିକ**
ମୋ: ୯୪୩୯୪୪୧୩୫୫

## ତ୍ରିରଙ୍ଗା

ଆକାଶେ ଉଡ଼ଇ ଫରଫର ହୋଇ
କୋଟି ଭାରତୀୟଙ୍କ ଅଟେ ସେ ଅଙ୍ଗ
ତିନୋଟି ରଙ୍ଗର ତ୍ରିରଙ୍ଗା ପତାକା
ମନେଭରେ ଦେଶପ୍ରେମର ଉମଙ୍ଗ।
କେଶରୀ ରଙ୍ଗଟି ସାହସ ଦିଅଇ
ଧଳା ରଙ୍ଗଟି ଶାନ୍ତିର ପ୍ରତୀକ
ସବୁଜ ରଙ୍ଗଟି ମନେ ବିଶ୍ୱାସ ଭରଇ
ତ୍ରିରଙ୍ଗା ଅଟେ ଆମ ଜାତିର ଟେକ।
ମଝିରେ ତାହାର ଅଶୋକ ଚକ୍ର
ତ୍ରିରଙ୍ଗା ଆମର ଗର୍ବ ଗୌରବ
ଦେଖାଏ ମୁକ୍ତିର ପଥ।
ତ୍ରିରଙ୍ଗା ଆମର ସମ୍ମାନ
ଦେଇଥାଏ ପରିଚୟ।

**– ରମାକାନ୍ତ ଦାସ**
ନନ୍ଦିଗ୍ରାମ, ନାଉଗାଁ, ଜଗତ୍‌ସିଂହପୁର
ମୋ: ୯୬୭୮୮୧୫୩୭୯

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



### ଆବର୍ଜନାରୁ ସ୍ଥାପତ୍ୟ

ପ୍ଲାଷ୍ଟିକ୍ ଆବର୍ଜନାରୁ ତିଆରି ନୀଳ ତିମି। ଏହାକୁ ତିଆରି କରିଛନ୍ତି ଆମେରିକା ସାନ୍ ଫ୍ରାନ୍ସିସ୍କୋର ଦୁଇ କଳାକାର ଜୋଏଲ୍ ଡିନ୍ ଷ୍ଟକଡିଲ୍ ଓ ୟୁଷ୍ଟିନା ସାଲ୍ନିକୋଭା। ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ୍ ଆବର୍ଜନା ପରିବେଶ ପ୍ରଦୂଷଣ କରୁଥିବାରୁ ସେମାନେ ଏଭଳି ଏକ ବିକଳ୍ପ ଚିନ୍ତା କରିଥିଲେ। ତେଣୁ ସାନ୍ ଫ୍ରାନ୍ସିସ୍କୋ ଠାରେ ଥିବା ମୋଣ୍ଟେରେ ବେ ଆକ୍ୱାରିୟମ୍ ପାଖରେ ତିଆରି କରିଥିଲେ ଏକ ବିରାଟ ନୀଳ ତିମି ଆକୃତିର ସ୍ଥାପତ୍ୟ। ଆବର୍ଜନାରୁ ପ୍ରସ୍ତୁତ ହୋଇଥିଲେ ବି ଏହି କଳାକୃତି ବେଶ୍ ସୁନ୍ଦର ତଥା ବିଶ୍ୱର ସବୁଠୁ ବଡ଼ କଳାକୃତି ହୋଇପାରିଛି। ପ୍ଲାଷ୍ଟିକ୍ ଆବର୍ଜନାରୁ ତିଆରି ବିଶ୍ୱର ସବୁଠୁ ବଡ଼ କଳାକୃତିଭାବେ ଏହା ଗିନିଜ୍ ରେକର୍ଡରେ ବି ସ୍ଥାନ ପାଇଛି। ଏହାର ଲମ୍ବ ୨୫.୮୯ ମିଟର ଓ ଚଉଡ଼ା ୮.୦୭ ମିଟର। ତେବେ ୨୦୧୮ ମସିହାରେ ଏହାର ନିର୍ମାଣ ହୋଇଥିଲା।

## ଏଥରର ?

- ଇଂରେଜମାନେ ପ୍ରଥମେ କେଉଁ ମସିହାରେ ଭାରତକୁ ଆସିଥିଲେ ?
- ଭାରତରେ ଇଂରେଜମାନଙ୍କର ଶାସନ କେତେବର୍ଷ ଯାଏ ରହିଥିଲା ?
- ଭାରତୀୟ ଜାତୀୟ ପତାକା ଅନ୍ୟ କେଉଁ ନାଁରେ ପରିଚିତ ?
- ୧୯୫୦ ଜାନୁଆରୀ ୨୬ ତାରିଖରେ ସମ୍ବିଧାନ ଗୃହୀତ ହେବା ସମୟରେ ଆମ ଦେଶର ପ୍ରଧାନମନ୍ତ୍ରୀ କିଏ ଥିଲେ ?
- ସାଧାରଣତନ୍ତ୍ର ଦିବସରେ ଭାରତର ରାଷ୍ଟ୍ରପତିଙ୍କୁ କେତେଥର ତୋପସଲାମୀ ଦିଆଯାଏ ?

## ଗତଥରର ଉତ୍ତର

- ଲାକ୍ଟିକ୍ ଏସିଡ୍
- କାର୍ବୋହାଇଡ୍ରେଟ୍ସ
- ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍
- ଡକ୍ଟର ବି. ଆର୍. ଆମ୍ବେଦକର
- ସତ୍ୟ ଓ ଅହିଂସା

## କହିଲ ଦେଖି



ବ୍ରିଟିଶ୍ ନିୟମଗଲା ଅପସରି
ନୂଆ ସମ୍ବିଧାନ ହେଲା କାର୍ଯ୍ୟକାରୀ
ଦେଶ ସିନା ଆମ ସ୍ୱାଧୀନ ଥିଲା
ନିୟମ ସେଦିନୁ ଲାଗୁ ହୋଇଲା
ଥିଲା ପରା ଜାନୁଆରୀ ମାସ
ସଭିଙ୍କ ଓଠରେ ଖେଳିଲା ହସ
ସେଦିନୁ ପାଳୁଛି ଭାରତ ଦିବସଟିଏ
ନାମଟି ତାହାର କହିବ କିଏ ?

ଉ– **ସାଧାରଣତନ୍ତ୍ର ଦିବସ**



ଛାତିକୁ ପଥର କରନ୍ତି ସିଏ
ଦେଶ ପାଇଁ ଜୀବନ ଦିଅନ୍ତି ଯିଏ
ଦେଶକୁ ସୁରକ୍ଷା ଦେବାର ପାଇଁ
ପଛଘୁଞ୍ଚା କେବେ ଦିଅନ୍ତି ନାହିଁ
କରୁଥା'ନ୍ତି ସିଏ ଶତ୍ରୁ ଦମନ
ଦେଶର ସମ୍ମାନ ସେ ଅତି ମହାନ୍
ଶାନ୍ତିରେ ରହୁଛୁ ଯାହାଙ୍କ ପାଇଁ
ତାଙ୍କ ନାମ କିଏ ପାରିବ କହି ?

ଉ– **ସୈନିକ**



ଦେହରେ ତାହାର ତିନୋଟି ରଙ୍ଗ
କି ସୁନ୍ଦର ଆହା ତାହାରି ଅଙ୍ଗ
ଜାତୀୟ ଧ୍ୱଜାଟି ଅଟଇ ସେହି
ଫରଫର ହୋଇ ସେ ଉଡୁଥାଇ
ସ୍ୱାଧୀନ ବାର୍ତ୍ତାଟି ଦିଅଇ ଯିଏ
ନାମଟି ତାହାର କହିବ କିଏ ?

ଉ– **ତ୍ରିରଙ୍ଗା**



ଭାରତର ପ୍ରଥମ ଆଇନମନ୍ତ୍ରୀ ଯେ ସିଏ
ପ୍ରଥମ ଦଳିତ ନେତା ଅଟନ୍ତି ସିଏ
ଭାରତରତ୍ନ ସମ୍ମାନର ସେ ଅଧିକାରୀ
ଅସ୍ପୃଶ୍ୟତା ପାଇଁ ଲଢ଼ିଲେ ଜୀବନ ଭରି
ସମ୍ବିଧାନର ପ୍ରଥମ ଶିଳ୍ପୀ ସେ ଥିଲେ
ନାମଟି ତାଙ୍କର କହିଲ ପିଲେ ?

ଉ– **ଡ. ବି. ଆର୍. ଆମ୍ବେଦକର**

**– ପ୍ରଶାନ୍ତ କୁମାର ନାଥ**
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର
ମୋ: ୮୩୧୦୩୨୮୩୪୫




# ଦାମୀ ଆଚାର

ପିଲାମାନେ! ତୁମେ ଆଚାର ଦେଖିଲେ ତାହାକୁ ଖାଇବାକୁ କାହାର ଲୋଭ ନହୁଏ କହିଲେ ! ଖାଇବା ସମୟରେ ଯଦି ଟିକେ ଆଚାର ମିଳିଯାଏ, ତେବେ ଖାଇବାର ସ୍ୱାଦ ଆହୁରି ବଢ଼ିଯାଏ। ହେଲେ ଏଠାରେ ଏମିତି ଏକ ଆଚାର ବିଷୟରେ ସୂଚନା ଦିଆଯାଉଛି, ଯାହା ଦାମୀ ଆଚାର ଭାବରେ ବେଶ୍ ପରିଚିତ। ଦ ରିୟଲ ଦିଲ୍ ନାମକ ପ୍ରିମିୟମ୍ ବ୍ରାଣ୍ଡରେ ପ୍ରସ୍ତୁତ ହୋଇଛି ଏହି ଦାମୀ ଆଚାର,ଯାହାର ନାମ '୨୪ କ୍ୟାରୋଟ୍' । ଏହି ଆଚାରଟି କାକୁଡ଼ି କିମ୍ବା ଆମ୍ବ ବଦଳରେ ଗାଜରରେ ପ୍ରସ୍ତୁତ ହୋଇଛି। ଏହି ଆଚାରର ଏତେ ଦାମ୍ ହେବା ପଛର କାରଣ ମଧ ରହିଛି। ଏଥିରେ ବ୍ୟବହୃତ ହୋଇଥିବା ସାମଗ୍ରୀଗୁଡିକ ହେଲା– ଭିନେଗାର, ଭିନେଗାର ଅଫ୍ ମାଡୋନା, ଲୁଣ ପାଇଁ ଓରେଗାନ ସି ସଲ୍ଟ ଏବଂ ମସଲାରେ ଇରାନ୍ କେଶର, ଫେନଲ ପୋଲନ, ଫ୍ରେଞ୍ଚ ଲଙ୍କା, ମେକ୍ସିକନ୍ ଭାନିଲା ପରି କେତେକ ଦାମୀ ଜିନିଷ। ଏଥିଯୋଗୁ ଏହି ଆଚାର କେବଳ ସ୍ୱାଦଯୁକ୍ତ ନୁହେଁ, ଏହା କ୍ୱାଲିଟିରେ ମଧ ବେଶ୍ ଭଲ। ଏହି ଆଚାରଟି କେବଳ ଏକ ଶୋ'ର ଶୁଟିଂ ପାଇଁ ପ୍ରସ୍ତୁତ କରାଯାଇଥିଲା। ହେଲେ ବଜାରରେ ଏଭଳି ଆଚାର ଏପର୍ଯ୍ୟନ୍ତ ବିକ୍ରି ଲାଗି ଉପଲବ୍ଧ ହୋଇନି।

# ଏକା ଭଳି ପତାକା






*କୌଣସି ବି ଦେଶର ଜାତୀୟ ପ୍ରତୀକ ହେଉଛି ସମ୍ପୃକ୍ତ ଦେଶର ଜାତୀୟ ପତାକା। ଅଲିମ୍ପିକ୍ ହେଉ କି ବିଶ୍ୱକପ୍ କିମ୍ବା କୌଣସି ଆନ୍ତଃରାଷ୍ଟ୍ରୀୟ ଆୟୋଜନରେ ଅଲଗା ଅଲଗା ଦେଶର ଜାତୀୟ ପତାକା ଲଗାଯାଇଥାଏ। ଏହା ଦେଖିବାକୁ କେବଳ ସୁନ୍ଦର ଲାଗି ନ ଥାଏ ବରଂ ଏହାକୁ ଲକ୍ଷ୍ୟ କଲେ ଏହା କେଉଁ ଦେଶର ବୋଲି ସହଜରେ ଜଣାପଡ଼ିଯାଏ। କିନ୍ତୁ କିଛି ଦେଶର ପତାକାର ରଙ୍ଗ ଡିଜାଇନ୍ ଏବଂ ଗଠନ ପ୍ରାୟ ମିଶିଯିବା ପରି ଲାଗିଥାଏ। ଆସନ୍ତୁ ଜାଣିବା ଏକାପରି ଲାଗୁଥିବା କେତେକ ଦେଶର ପତାକା ବିଷୟରେ...*

**ଚାଡ୍ ଏବଂ ରୋମାନିଆ :** ଏହି ଦୁଇ ଦେଶର ଜାତୀୟ ପତାକା ଦେଖିବାକୁ ପ୍ରାୟ ଏକାଭଳି। ଦୁଇ ଜାତୀୟ ପତାକାରେ ନୀଳ ରଙ୍ଗର ହଳଦିଆ ଏବଂ ଲାଲ ରଙ୍ଗର ପଟି ଦେଖିବାକୁ ମିଳିଥାଏ। ଫରକ ଏତିକି ଯେ, ରୋମାନିଆ ପତାକାରେ ହାଲୁକା ବ୍ଲୁର ପଟି ଥିବା ବେଳେ ଚାଡ୍ ପତାକାରେ ବ୍ଲୁ ରଙ୍ଗର ଗାଢ଼ ପଟି ଦେଖିବାକୁ ମିଳିଥାଏ, ଯାହାକୁ ଧ୍ୟାନ ସହକାରେ ଦେଖିଲେ ବୁଝାପଡ଼ିଥାଏ। ରୋମାନିଆର ପତାକା ୧୯ଶ ଶତାବ୍ଦୀଠାରୁ ଚାଲିଛି, ଯେତେବେଳେ କି ଚାଡ୍ ୧୯୫୯ ସ୍ୱାଧୀନତା ପରେ ନିଜ ଦେଶର ପତାକା ପ୍ରଥମେ ଉଡ଼ାଇଥିଲେ। ପ୍ରଥମେ ଚାଡ୍‌ର ପତାକାରେ ସବୁଜ ରଙ୍ଗ ଥିଲା। କିନ୍ତୁ ପରେ ଏହା ମାଲିର ପତାକା ପରି ଲାଗିଲା। ଏଥିପାଇଁ ଏବେ ଏହାକୁ ବଦଳାଯାଇ ନୀଳ ରଙ୍ଗ କରି ଦିଆଯାଇଛି।

**ସେନେଗଲ ଏବଂ ମାଲି:** ପତାକା ଦେଖିବାକୁ ପ୍ରାୟ ସମାନ। ଦୁଇଟିରେ ସବୁଜ-ହଳଦିଆ-ଲାଲରଙ୍ଗର ପଟି ରହିଛି। ସେନେଗଲ ପତାକା ଚିହ୍ନଟ କରିବାକୁ ହେଲେ ପତାକା ମଝିରେ ହଳଦିଆ ପଟିରେ ଥିବା ସବୁଜ ରଙ୍ଗର ତାରା। ମାଲି ଦେଶର ପତାକାରେ କୌଣସି ଚିହ୍ନ ନାହିଁ। ଗିନିର ପତାକା ବି ଏସବୁ ଦେଶର ପତାକା ସହିତ ମିଶିଯାଏ।





**ଇଣ୍ଡୋନେସିଆ-ମୋନାକୋ :** ଏହି ଦୁଇ ଦେଶର ଜୀତୟ ପତାକା ଦେଖିଲେ ପ୍ରଥମେ ଏକାପରି ଲାଗିବ। ଉପରେ ଲାଲ ତଳେ ଧଳା ରଙ୍ଗର ପଟି ରହିଛି। ଫରକ ଖାଲି ଏତିକି, ପତାକାର ଆକାରରେ ଭିନ୍ନତା। ଇଣ୍ଡୋନେସିଆର ପତାକା ତାହାର ପ୍ରାଚୀନ ମାଜାପାହିତ ସାମ୍ରାଜ୍ୟ ଉପରେ ପର୍ଯ୍ୟବସିତ ରହିଛି। ମୋନାକୋର ପତାକା ସେଠାକାର ରାଜଘରର ରଙ୍ଗ ଉପରେ ପର୍ଯ୍ୟବେସିତ। ପୋଲାଣ୍ଡର ପତାକା ଏହା ସହିତ ମିଶିଗଲା ପରି ଲାଗିଥାଏ।

**ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ :** ଏହି ଦୁଇଟି ଦେଶର ଜାତୀୟ ପତାକା ପଛପଟେ ବ୍ୟାକ୍‌ଗ୍ରାଉଣ୍ଡ ବ୍ଲୁ ରଙ୍ଗ ଥିବା ବେଳେ ନୀଳ ରଙ୍ଗର ପୃଷ୍ଠଭୂମି ଉପରେ ୟୁନିୟନ୍ ଜ୍ୟାକ୍ ବନା ହୋଇଛି, ଯାହା ତାରାମଣ୍ଡଳ ପରି ଲାଗିଥାଏ। ଅଷ୍ଟ୍ରେଲିଆ ପତାକାରେ ଛଅଟି ଧଳା ରଙ୍ଗର ତାରା ଥିବାବେଳେ ନ୍ୟୁଜିଲାଣ୍ଡ ପତାକାରେ ଚାରୋଟି ଲାଲ ରଙ୍ଗର ତାରା ଦେଖିବାକୁ ମିଳିଥାଏ।




**ରୁଷିଆ, ସ୍ଲୋଭେନିଆ ଏବଂ ସ୍ଲୋଭାକିଆ :** ଏହି ତିନୋଟି ଦେଶର ପତାକାରେ ଧଳା, ନୀଳ ଏବଂ ଲାଲ ରଙ୍ଗର ପଟି ରହିଛି। ରୁଷିଆ ପତାକା ସବୁଠାରୁ ପ୍ରାଚୀନ ପତାକା, ଯେଉଁଥିରେ ଅନୁପ୍ରାଣୀତ ହୋଇଛନ୍ତି ସ୍ଲୋଭେନିଆ ଏବଂ ସ୍ଲୋଭାକିଆ ଦୁଇ ଦେଶ। ନିଜର ରାଷ୍ଟ୍ରୀୟ ପ୍ରତୀକରେ ଏହି ଚିହ୍ନ ଯୋଡ଼ି ତାକୁ ଅଲଗା ପ୍ରସ୍ତୁତ କରାଯାଇଛି। ଏହି ଡିଜାଇନ୍ ଦ୍ୱାରା ପ୍ରେରିତ ହୋଇ କ୍ରୋଏଶିଆ ଏବଂ ସର୍ବିଆ ଭଳି ଦେଶ ବି ନିଜ ପତାକା ଏପରି କରିଛନ୍ତି।



# ଆଇନା





ପ୍ରିୟାଂଶୁ ରଞ୍ଜନ ପଣ୍ଡା
୬ ବର୍ଷ/ କଟକ

ରାଜେଶ୍ୱରୀ ମହାନ୍ତି
୫ ବର୍ଷ/ ଭୁବନେଶ୍ୱର